# NATIONAL NEWS BULLETIN (ODIA)

## 6 July - 2025

## Morning Bulletin : 7.15 A.M.

***********************************************

## ମୁଖ୍ୟ ସମ୍ବାଦ

- ପଞ୍ଚଦେଶୀୟ ଗସ୍ତର ଚତୁର୍ଥ ପର୍ଯ୍ୟାୟରେ ଆଜି ବ୍ରାଜିଲର ରିଓ ଡି ଜେନେରିଓରେପହଞ୍ଚିଲେ ପ୍ରଧାନମନ୍ତ୍ରୀ ।
- ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଭାଗିତାକୁ ଅଗ୍ରାଧିକାର ଦେବାଲାଗି ସହମତି ପ୍ରକାଶ ।
- ମହାତ୍ମା ଗାନ୍ଧୀଙ୍କ କାଳଜୟୀ ଦୃଷ୍ଟିକୋଣ ସର୍ବଦା ମାନବଜାତିକୁ ମାର୍ଗଦର୍ଶନ କରିବ - କହିଲେ ପ୍ରଧାନମନ୍ତ୍ରୀ ।
- ଶ୍ରୀକ୍ଷେତ୍ର ପୁରୀରେ ଆଜି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ସୁନାବେଶ ।

ଏବଂ

- ଆଣ୍ଡରସନ ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟର ଅନ୍ତିମ ଦିନରେ ୭୨ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଇଂଲଣ୍ଡ ।

## ପିଏମ୍-ବ୍ରାଜିଲ

ପଞ୍ଚରାଷ୍ଟ୍ରୀୟ ଗସ୍ତର ଚତୁର୍ଥ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବ୍ରାଜିଲର ରିଓଡି ଜେନେରିଓରେ ପହଞ୍ଚିଛନ୍ତି । ଏହି ଗସ୍ତ କାଳରେ ସେ ସପ୍ତଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବେ । ଏଥିରେ ପ୍ରଧାନମନ୍ତ୍ରୀ ବିଶ୍ୱ ପ୍ରଶାସନ, ଶାନ୍ତି ଏବଂ ସୁରକ୍ଷା, ବହୁପାକ୍ଷିକ ଶାସନ ବ୍ୟବସ୍ଥାରେ ଦୃଢ଼ତା, କୃତ୍ରିମ ବୁଦ୍ଧିମତାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ, ସ୍ୱାସ୍ଥ୍ୟ, ଅର୍ଥନୀତି ସମେତ ପ୍ରମୁଖ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମତବିନିମୟ କରିବେ । ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱର ପ୍ରମୁଖ ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର ସମ୍ଭାବନା ରହିଛି ।

ଶ୍ରୀ ମୋଦୀ ବ୍ରାସିଲିଆ ଗସ୍ତ କରି ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍ଭାଙ୍କ ସହ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ମହାକାଶ, ପ୍ରଯୁକ୍ତିବିଦ୍ୟା, କୃଷି ଏବଂ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ଜଣାପଡିଛି ।

## ପିଏମ୍-ଆର୍ଜେଣ୍ଟିନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲେଇଙ୍କ ସହ ଫଳପ୍ରଦ ବୈଠକ ଶେଷ କରିଛନ୍ତି । ଗତ ୫୭ ବର୍ଷ ମଧ୍ୟରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଦ୍ୱିପାକ୍ଷିକ ଆର୍ଜେଣ୍ଟିନା ଗସ୍ତ ଥିଲା । ଉଭୟ ନେତାଙ୍କ ମଧ୍ୟରେ ବୈଠକ ପରେ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା ହୋଇଥିଲା । ଆଲୋଚନାରେ ବ୍ୟବସାୟ ଓ ବାଣିଜ୍ୟ, ପ୍ରଯୁକ୍ତି ବିଦ୍ୟା, ପ୍ରତିରକ୍ଷା, ମହାକାଶ, ସ୍ୱାସ୍ଥ୍ୟ ଏବଂ

ଔଷଧ ସମେତ ପ୍ରମୁଖ କ୍ଷେତ୍ର ଗୁଡ଼ିକର ସହଯୋଗ ବୃଦ୍ଧିକରିବା ଏବଂ ଦୁଇଦେଶ ମଧ୍ୟରେ ରଣନୈତିକ ସହଭାଗିତାକୁ ଆହୁରି ଦୃଢ଼ କରିବା ଲାଗି ସହମତି ପ୍ରକାଶ ପାଇଥିଲା ।

ପ୍ରଧାନମନ୍ତ୍ରୀ ମୋଦୀ ଭାରତ - ମରକୋସୁର ବାଣିଜ୍ୟ ଚୁକ୍ତିନାମାକୁ ବିସ୍ତାର କରିବା ଦିଗରେ ଆର୍ଜେଣ୍ଟିନାର ସମର୍ଥନ ଲାଗି ଅନୁରୋଧ କରିଥିଲେ । ଅନ୍ୟପକ୍ଷରେ ଆର୍ଜେଣ୍ଟିନା ଆମେରିକା କିମ୍ବା ୟୁରୋପର ଅନୁମୋଦନ ସହ ଔଷଧ ପାଇଁ ଆମଦାନୀକୁ ଅନୁମତି ଦେବ ବୋଲି ଜଣାପଡିଛି । ଭାରତର ଶକ୍ତିଆବଶ୍ୟକତା ପୂରଣ କରିବା ଲାଗି ଆର୍ଜେଣ୍ଟିନାର ଖଣିଜ ପଦାର୍ଥ, ମହାକାଶ କ୍ଷେତ୍ରରେ ସହଯୋଗ ଡ୍ରୋନ୍ ଏବଂ କ୍ରୀଡ଼ା ପରିଚାଳନା ଭଳି ବିଶ୍ୱ ଉପରେ ଆର୍ଜେଣ୍ଟିନାର ପ୍ରତିବଦ୍ଧତା ରହିଥିବା ଏହି ଆଲୋଚନାରେ ଜଣାପଡିଥିଲା ।

ପ୍ରଧାନମନ୍ତ୍ରୀ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତର ପଦକ୍ଷେପକୁ ଆର୍ଜେଣ୍ଟିନାର ସମର୍ଥନ ନେଇ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ ରାଷ୍ଟ୍ରପତି ମିଲେଇଙ୍କୁ ଭାରତ ଗସ୍ତ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ନିମନ୍ତ୍ରଣ କରିଥିଲେ । ବୁଏନ୍ସ ଆୟର୍ସରୁ ପ୍ରସ୍ଥାନ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମହାତ୍ମା ଗାନ୍ଧୀ ଏବଂ ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ପିଏମ୍-ଗାନ୍ଧୀ ଟାଗୋର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ୟୁନୋସ ଆୟର୍ସରେ ମହାତ୍ମା ଗାନ୍ଧୀ ଏବଂ ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି

ମହାତ୍ମା ଗାନ୍ଧୀଙ୍କ କାଳଜୟୀ ଦୃଷ୍ଟିକୋଣ ଏବଂ ମହାନ ଆଦର୍ଶ ସର୍ବଦା ମାନବ ଜାତିକୁ ମାର୍ଗଦର୍ଶନ କରିବ । ସେ କହିଛନ୍ତି ସାରା ବିଶ୍ୱରେ ଗାନ୍ଧୀଙ୍କ ଚିନ୍ତାଧାରା ଓ ଦର୍ଶନ ତତ୍ତ୍ୱର ପ୍ରାସଙ୍ଗିକତା ରହିଛି । ସେ କହିଛନ୍ତି ବିଶ୍ୱର ଲକ୍ଷଲକ୍ଷ ଲୋକଙ୍କୁ ଗାନ୍ଧୀଜୀଙ୍କ ଚିନ୍ତାଧାରା ଅନୁପ୍ରାଣିତ କରିଛି । ତାଙ୍କ ସରକାର ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏକ ନ୍ୟାୟପୂର୍ଣ୍ଣ ଓ ସାମାଜିକ ବିଚାରବୋଧ ସମ୍ପନ୍ନ ବିଶ୍ୱ ଗଠନ ପାଇଁ ପ୍ରତିବଦ୍ଧ ଅଟନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ରବୀନ୍ଦ୍ରନାଥ ଟାଗୋରଙ୍କ ୧୯୨୪ ମସିହାରେ ଆର୍ଜେଣ୍ଟିନା ଗସ୍ତକୁ ସ୍ମରଣ କରିଛନ୍ତି । ସେ କହିଛନ୍ତି ଟାଗୋରଙ୍କ ଗସ୍ତ ଅନେକ ଲୋକଙ୍କୁ ପ୍ରଭାବିତ କରିଛି । ଭାରତର ଇତିହାସ ଏବଂ ସଂସ୍କୃତି ପ୍ରତି ଗୁରୁଦେବ ଟାଗୋରଙ୍କ ଅବଦାନ ସର୍ବଦା ସ୍ମରଣୀୟ ।

# ସମବାୟ ଦିବସ

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି ଗତ ୪ ବର୍ଷ ମଧ୍ୟରେ ସମବାୟ ମନ୍ତ୍ରଣାଳୟ ୬୦ଟି ନୂତନ ପଦକ୍ଷେପ ଆରମ୍ଭ କରିଛି । ଗତକାଲି ସମବାୟ ଦିବସ ଅବସରରେ ଗୁଜୁରାଟର ଆନନ୍ଦଠାରେ ପ୍ରଥମ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଶିଳାନ୍ୟାସ କରିବା ଅବସରରେ ଶ୍ରୀ ଶାହା କହିଛନ୍ତି ଦରିଦ୍ର ତଥା ଗ୍ରାମାଞ୍ଚଳ ଲୋକଙ୍କ ଜୀବନକୁ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ସମବାୟ ମନ୍ତ୍ରଣାଳୟ ପ୍ରତିଷ୍ଠା କରାଯାଇଥିଲା ।

**V/O (Amit Saha)**

ଶ୍ରୀ ଶାହା କହିଛନ୍ତି ପ୍ରାୟ ୪୦ ଲକ୍ଷ ଶ୍ରମିକ ସମବାୟ ଆନ୍ଦୋଳନରେ ସଂଶ୍ଲିଷ୍ଟ ଅଛନ୍ତି । ସମବାୟ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ, ତଥ୍ୟ

ବିଶ୍ଳେଷଣ, ରଣନୀତି ଏବଂ ଗବେଷଣା କ୍ଷେତ୍ରକୁ ଏହି ବିଶ୍ୱବିଦ୍ୟାଳୟ ଅଧିକ ସହଯୋଗ ପ୍ରଦାନ କରିବ ବୋଲି ଶ୍ରୀ ଶାହା କହିଛନ୍ତି ।

## ଶ୍ରୀଜୀଉ-ସୁନାବେଶ

ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରଥାରୂଢ଼ ଶ୍ରୀଜିଉଙ୍କର ଆଜି ସୁନାବେଶ ଅନୁଷ୍ଠିତ ହେବ । ହରିଶୟନ ଏକାଦଶୀ ତିଥି ଅବସରରେ ରଥ ଉପରେ ଆଜି ମହାପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥଙ୍କୁ ହୀରାନୀଳା, ମୋତି ମାଣିକ୍ୟ ଖଚିତ ୧୩୮ ପ୍ରକାର ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ କରାଯିବ । ଏ ସମ୍ପର୍କରେ ଏକ ରିପୋର୍ଟ...

**V/O (Capsul)**

*ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିର ଛାଡି ବାହୁଡା ଯାତ୍ରାରେ ପ୍ରତ୍ୟାବର୍ତ୍ତନ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ଲକ୍ଷଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ରଥ ଉପରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରୁଛନ୍ତି । ଶ୍ରୀନଅର ସମ୍ମୁଖରେ ଗତକାଲି ନନ୍ଦିଘୋଷ ରଥ ପହଞ୍ଚିବା ପରେ ଲକ୍ଷ୍ମୀ-ନାରାୟଣ ଭେଟ ନୀତି ସମ୍ପନ୍ନ ହୋଇଥିଲା । ରାତି ୯ଟା ୪୦ ମିନିଟ୍ ସୁଦ୍ଧା ତିନୋଟିଯାକ ରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ ।*

*ଆଜି ସକାଳୁ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି ଆଦି ନୀତିକାନ୍ତି ଚାଲିଛି । ସନ୍ଧ୍ୟା ଆଳତି ନୀତି ଶେଷ ହେବାପରେ ଅପରାହ୍ଣ ୫ଟାରେ ମହାପ୍ରଭୁଙ୍କୁ ସୁନାବେଶ କରାଯିବ । କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ରାତି ୧୧ଟାରେ ଶ୍ରୀଜିଉଙ୍କ ଅଙ୍ଗରୁ ସୁନାବେଶ ବାହାର କରାଯିବ । ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।*

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର ।*

# ଭିପି-ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜିଠାରୁ ଦୁଇଦିନିଆ କେରଳ ଗସ୍ତରେ ଯାଉଛନ୍ତି । ତ୍ରିସୁର ଜିଲ୍ଲାର ଗୁରୁବାୟୁର୍ ମନ୍ଦିରରେ ଶ୍ରୀ ଧନଖଡ଼ ଆସନ୍ତା ସୋମବାର ପ୍ରାର୍ଥନା କରିବାର କାର୍ଯ୍ୟସୂଚୀ ରହିଛି । ସେହିଦିନ କୋଚିସ୍ଥିତ ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ଆଡଭାନ୍ସଡ ଲିଗାଲ୍ ଷ୍ଟଡିଜ୍-ଏନ୍‌ୟୁଏଏଲ୍‌ଏସ୍‌ର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଙ୍କ ସହ ଶ୍ରୀ ଧନଖଡ଼ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

# ନେପାଳ ପଲିଟିକ୍ସ

ନେପାଳରେ କେପି ଶର୍ମା ଓଲିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରୁ ନାଗରିକ ଉନ୍ମୁକ୍ତି ପାର୍ଟି ସମର୍ଥନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି । ଗତକାଲି ପାର୍ଟି ଅଧ୍ୟକ୍ଷା ରଞ୍ଜିତା ଶ୍ରେଷ୍ଠ ଏହି ବିଷୟ ଘୋଷଣା କରିଛନ୍ତି । ନେପାଳ ସଂସଦରେ ନାଗରିକ ଉନ୍ମୁକ୍ତି ପାର୍ଟିର ୪ଟି ଆସନ ରହିଛି । ସୂଚନା ଅନୁଯାୟୀ ଓଲି ସରକାରରୁ ସମର୍ଥନ ପ୍ରତ୍ୟାହାର କଲେ ମଧ୍ୟ ମେଣ୍ଟ ସରକାରରେ କୌଣସି ଅସୁବିଧା ହେବାର ସମ୍ଭାବନା ନାହିଁ । ଅନୁଷ୍ଠିତ ସଂସଦୀୟ ଦଳ ବୈଠକରେ ନାଗରିକ ଉନ୍ମୁକ୍ତି ପାର୍ଟି ସରକାରଙ୍କ ପକ୍ଷ ଛାଡ଼ି ବିରୋଧୀ ଆସନରେ ବସିବା ନେଇ ନିଷ୍ପତ୍ତି ଗ୍ରହଣ କରିଥିଲେ । ଗତ ଜୁଲାଇ ୨୨ ତାରିଖରେ ସଂସଦରେ ୫ଟି ଆସନ ଥିବା ଜନତା ସମାଜବାଦୀ ପାର୍ଟି ଓଲି ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଥିଲା ।

## ପିଏମ୍-ଟେକ୍ସାସ ଫ୍ଲଡ୍ସ

ଆମେରିକାର ଟେକ୍ସାସରେ ଭୟଙ୍କର ବନ୍ୟାରେ ପ୍ରାଣ ହରାଇଥିବା ଲୋକମାନଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକପ୍ରକାଶ କରିଛନ୍ତି । ବିଶେଷକରି ଏହି ବନ୍ୟାରେ ପିଲାମାନେ ପ୍ରାଣ ହରାଇଥିବାରୁ ଶ୍ରୀ ମୋଦୀ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆମେରିକା ସରକାର ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି ।

## ଟେଷ୍ଟ କ୍ରିକେଟ୍

ଇଂଲଣ୍ଡରେ ଚାଲିଥିବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଶୁଭମନ ଗିଲ୍ ରେକର୍ଡ କରିଛନ୍ତି । ଉଭୟ ଇନିଂସ୍‌ରେ ସେ ୨ଶହ ଅଣସ୍ତରୀ ଓ ୧୬୧ରନ୍ ସଂଗ୍ରହ କରିଥିଲେ । ୧୯୯୦ ମସିହାରେ ଲର୍ଡ୍‌ସରେ ଭାରତ ବିପକ୍ଷରେ ଗ୍ରାହମ ଗୁଚ୍‌ଙ୍କ ୪୫୬ରନ୍ ପରେ ଦ୍ୱିତୀୟ ସର୍ବାଧିକ ୪୩୦ ରନ୍ ସଂଗ୍ରହ କରି ଶୁଭମନ ଗିଲ୍ ରେକର୍ଡ କରିଛନ୍ତି । ଭାରତ ଦ୍ୱିତୀୟ ଇନିଂସ୍‌ରେ ୪୨୭ରନ୍ ସ୍କୋର କରି ଇଂଲଣ୍ଡକୁ ୬୦୮ ରନ୍ ବିଜୟଲକ୍ଷ୍ୟ ଦେଇଛି । ଇଂଲଣ୍ଡ ଗତକାଲିର ସ୍କୋର ୩ ଉ୍ୱିକେଟରେ ୭୨ରନ୍‌ରୁ ଆଜି ବ୍ୟାଟିଂ ଆରମ୍ଭ କରିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ ।

## ଆଥଲେଟିକ୍ସ

ଗ୍ରୀସ୍‌ରେ ଅନୁଷ୍ଠିତ ଡ୍ରୋମିଆ ଆନ୍ତର୍ଜାତି ଦୌଡ଼କୁଦ ପ୍ରତିଯୋଗିତାରେ ଭାତରର ଅନିମେଶ କୁଜୁର ୧୦ ଦଶମିକ ୧୮ ସେକେଣ୍ଡରେ ୧୦୦ ମିଟର

ଦୌଡ଼ରେ ରେକର୍ଡ କରିଛନ୍ତି । ୨୨ ବର୍ଷୀୟ କୁଜୁର, ଗୁରବିନ୍ଦର ସିଂହଙ୍କ ୧୦ ଦଶମିକ ୨୦ ସେକେଣ୍ଡରେ ପୂର୍ବ ରେକର୍ଡ ଅତିକ୍ରମ କରିଛନ୍ତି । ଏହି ଦୌଡ଼କୁଦ ପ୍ରତିଯୋଗିତାରେ ଗ୍ରୀସ୍‌ର ସୋଟିରସ୍ ୧୦ ଦଶମିକ ୨୩ ସେକେଣ୍ଡରେ ଦ୍ୱିତୀୟ ଏବଂ ସାମୁଲେସନ ୧୦ ଦଶମିକ ୨୮ ସେକେଣ୍ଡରେ ୧୦୦ ମିଟର ଦୂରତା ଅତିକ୍ରମ କରି ତୃତୀୟ ସ୍ଥାନରେ ରହିଛନ୍ତି । ଅନ୍ୟପକ୍ଷରେ ୮୦୦ ମିଟର ଦୌଡ଼ରେ ଭାରତର ମହମ୍ମଦ ଅଫଜାଲ ନିଜ ପୂର୍ବ ରେକର୍ଡ ଭଙ୍ଗ କରିଛନ୍ତି ।

## ୱିମ୍ବିଲଡନ

ୱିମ୍ବିଲଡନ ଟେନିସ୍ ପ୍ରତିଯୋଗିତାରେ ଭାରତର ୟୁକ୍ରି ଭାମ୍ବ୍ରି ଏବଂ ଆମେରିକାର ରବର୍ଟ ଗାଲୋୱଙ୍କ ଯୋଡ଼ି ଗ୍ରାଣ୍ଡସ୍ଲାମ ପୁରୁଷ ଡବଲ୍ସ ଇଭେଣ୍ଟର ତୃତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଭାମ୍ବ୍ରି ଚୀନ୍‌ର ଜିଆଙ୍ଗ ଜିନ୍ୟୁଙ୍କ ସହ ଆଜି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ । ଅନ୍ୟପକ୍ଷରେ ରିତିକ ବୋଲିପାଲି ଓ ତାଙ୍କ କଲମ୍ବିଆ ଯୋଡ଼ି ନିକୋଲାସ ବାରିଣ୍ଟୋସ୍ ପୁରୁଷ ଡବଲ୍ସ ଇଭେଣ୍ଟରେ ପରାସ୍ତ ହେବା ପରେ ପ୍ରତିଯୋଗିତାରୁ ବାଦ୍ ପଡିଛନ୍ତି ।

## ଫୁଟବଲ

ଏଏଫ୍‌ସି ମହିଳା ଏସିଆ କପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟ ଗ୍ରୁପ୍-ବିର ଏକ ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଛି । ଚିଆଙ୍ଗ ମାଇ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ଆସନ୍ତାବର୍ଷ ହେବାକୁ ଥିବା ମୁଖ୍ୟ ପ୍ରତିଯୋଗିତା ଲାଗି ମନୋନୀତ ହୋଇଛନ୍ତି । ଏହି ମ୍ୟାଚ୍‌ରେ ସଂଗୀତା ବାସଫୋରଙ୍କ ଉତ୍ତମ

ପ୍ରଦର୍ଶନ ଫଳରେ ଭାରତ ୨୨ବର୍ଷ ପରେ ଏସିଆ କପ୍‌ର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଉଭୟ ଭାରତ ଓ ଥାଇଲାଣ୍ଡ ୯ ପଏଣ୍ଟ ଲେଖାଏଁ ପାଇଛନ୍ତି ।